# Prime Minister addresses 17th ASEAN India Summit

November 12, 2020

## ପ୍ରଧାନମନ୍ତ୍ରୀ 17ତମ ଆସିଆନ-ଭାରତ ଶିଖର ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି

**ନଭେମ୍ବର 12, 2020**

ଆସିଆନର ବର୍ତ୍ତମାନର ଅଧ୍ୟକ୍ଷ ଭିଏତନାମର ପ୍ରଧାନମନ୍ତ୍ରୀ ମାନ୍ୟବର ନୁଏନ ଜୁଆନ ଫୁକଙ୍କ ନିମନ୍ତ୍ରଣରେ 12 ନଭେମ୍ବର 2020 ରେ ଅନୁଷ୍ଠିତ 17ତମ ଆସିଆନ-ଭାରତ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିଲେ। ଆସିଆନର ସମସ୍ତ ଦଶଟି ସଦସ୍ୟ ରାଷ୍ଟ୍ର ଭାଗ ନେଇଥିବା ଏହି ବୈଠକ ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହୋଇଥିଲା।

ଏହି ଶିଖର ସମ୍ମିଳନୀକୁ ନିଜ ସମ୍ବୋଧନରେ ପ୍ରଧାନମନ୍ତ୍ରୀ ଭାରତର ଆକ୍ଟ ଇଷ୍ଟ ବା ପ୍ରାଚ୍ୟମୁଖୀ ନୀତିରେ ଆସିଆନର କେନ୍ଦ୍ରୀୟତାକୁ ରେଖାଙ୍କିତ କରିଥିଲେ। ସେ ଉଲ୍ଲେଖ କରିଥିଲେଯେ ଏକ ସମନ୍ୱିତ, ପ୍ରତିକ୍ରିୟାଶୀଳ ତଥା ସମୃଦ୍ଧ ଆସିଆନ ଭାରତର ଭାରତ-ପ୍ରଶାନ୍ତ ମହାସାଗରୀୟ ପରିକଳ୍ପନାର କେନ୍ଦ୍ରରେ ଏବଂ ଏହି କ୍ଷେତ୍ରରେ ସମସ୍ତଙ୍କ ସୁରକ୍ଷା ଏବଂ ଅଭିବୃଦ୍ଧିରେ ସହାୟକ ହେବ। ଏକ ମୁକ୍ତ, ଖୋଲା, ସାମୁହିକ ଏବଂ ନିୟମ ଆଧାରିତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଭାରତର ଭାରତ-ପ୍ରଶାନ୍ତ ମହାସାଗରୀୟ ପ୍ରୟାସ ଏବଂ ଭାରତ-ପ୍ରଶାନ୍ତ ମହାସାଗର ଉପରେ ଆସିଆନର ଦୃଷ୍ଟିକୋଣ ମଧ୍ୟରେ ସମ୍ମିଶ୍ରଣକୁ ଗୁରୁତ୍ୱ ଦେବା ଉପରେ ଜୋର ଦେଇଥିଲେ। ସେ ଭାରତର ଭାରତ-ପ୍ରଶାନ୍ତ ମହାସାଗରୀୟ ପ୍ରୟାସ (ଆଇପିଓଆଇ)ର ବିଭିନ୍ନ ସ୍ତମ୍ଭରେ ସହଯୋଗ କରିବାକୁ ଆସିଆନ ଦେଶମାନଙ୍କୁ ଆମନ୍ତ୍ରଣ କରିଥିଲେ।

କୋଭିଡ-19 ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଭାରତର ପଦକ୍ଷେପ ତଥା ବିଶ୍ୱ ସମୁଦାୟକୁ ବ୍ୟାପକ ସମର୍ଥନ ଉପରେ ଆଲୋକପାତ କରିଥିଲେ ଏବଂ ଏହି ମହାମାରୀ ବିରୋଧରେ ଆସିଆନର ପଦକ୍ଷେପକୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ଆସିଆନ କୋଭିଡ-19 ପ୍ରଶମନ ପାଣ୍ଠିକୁ 1 ମିଲିୟନ ଆମେରିକୀୟ ଡଲାରର ଅବଦାନ ଘୋଷଣା କରିଥିଲେ।

ପ୍ରଧାନମନ୍ତ୍ରୀ ମଧ୍ୟ ଆସିଆନ ଏବଂ ଭାରତ ମଧ୍ୟରେ ଅଧିକ ଭୌତିକ ଏବଂ ଡିଜିଟାଲ ଯୋଗାଯୋଗର ମହତ୍ତ୍ୱ ଉପରେ ଜୋର ଦେଇଥିଲେ ଏବଂ ଆସିଆନ ଯୋଗାଯୋଗକୁ ସମର୍ଥନ କରି ଭାରତର 1 ବିଲିଅନ ଆମେରିକୀୟ ଡଲାର ଋଣ ସହାୟତା ପ୍ରସ୍ତାବକୁ ଦୋହରାଇଥିଲେ। ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ସେ କୋଭିଡ ପରବର୍ତ୍ତୀ ଅର୍ଥନୈତିକ ପୁନରୁଦ୍ଧାର ପାଇଁ ଯୋଗାଣ ଶୃଙ୍ଖଳାର ବିବିଧତା ଏବଂ ସୁଦୃଢତାକୁ ଗୁରୁତ୍ୱ ଦେବା ଉପରେ ଜୋର ଦେଇଥିଲେ।

ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବାରେ ଆସିଆନ ନେତାମାନେ ଭାରତର ଅବଦାନକୁ ସ୍ୱୀକାର କରିଥିଲେ ଏବଂ ଆସିଆନର କେନ୍ଦ୍ରୀୟତାକୁ ଭାରତର ସମର୍ଥନକୁ ସ୍ୱାଗତ କରିଥିଲେ। ନେତାମାନେ ମଧ୍ୟ 2021-2025 ପାଇଁ ନୂତନ ଆସିଆନ-ଭାରତ କାର୍ଯ୍ୟ ଯୋଜନା ଗ୍ରହଣକୁ ସ୍ୱାଗତ କରିଥିଲେ।

ଏହି ବୈଠକରେ ଦକ୍ଷିଣ ଚୀନ ସାଗର ଏବଂ ଆତଙ୍କବାଦ ସମେତ ପାରସ୍ପରିକ ସ୍ୱାର୍ଥ ଏବଂ ପ୍ରସଙ୍ଗର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ବିଷୟଗୁଡିକ ମଧ୍ଯ ଆଲୋଚନା କରାଯାଇଥିଲା। ଆନ୍ତର୍ଜାତୀୟ ଆଇନ ବିଶେଷ କରି ମିଳିତ ଜାତିସଂଘର ସାମୁଦ୍ରିକ ଆଇନି (ୟୁଏନସିଏଲଓଏସ)କୁ ପାଳନ କରିବା ସହିତ ଏହି ଅଞ୍ଚଳରେ ଏକ ନିୟମ ଆଧାରିତ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱକୁ ଉଭୟ ପକ୍ଷ ଉଲ୍ଲେଖ କରିଥିଲେ। ଦକ୍ଷିଣ ଚୀନ ସାଗରରେ ଶାନ୍ତି, ସ୍ଥିରତା, ସୁରକ୍ଷା ଏବଂ ନିରାପତ୍ତାକୁ ବଜାୟ ରଖିବା ତଥା ପ୍ରୋତ୍ସାହିତ କରିବା ଏବଂ ନୌପରିବହନ ଏବଂ ବିମାନ ଚଳାଚଳ ସ୍ୱାଧୀନତାକୁ ସୁନିଶ୍ଚିତ କରିବା ପାଇଁ ନେତାମାନେ ଗୁରୁତ୍ୱାରୋପ କରିଥିଲେ।

**ନୂଆଦିଲ୍ଲୀ**
**ନଭେମ୍ବର 12, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.